# ସମକାଳୀନ ଜାତୀୟ କବି ଓ ବାଞ୍ଛାନିଧି

ଡଃ ହୃଷିକେଶ ତ୍ରିପାଠୀ

କୌଣସି କବିଙ୍କର ଯଥାର୍ଥ ମୂଲ୍ୟାୟନ କରିବାକୁ ହେଲେ ତାଙ୍କ ସମକାଳୀନ ସମଧର୍ମୀ ଅନ୍ୟାନ୍ୟ କବି ତଥା ତାଙ୍କ କାବ୍ୟ ପରଂପରାର ବହୁ ପୂର୍ବସୂରୀଙ୍କ ସହିତ ତୁଳନା କରିବାକୁ ପଡ଼ିଥାଏ କାରଣ କବି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପରଂପରା ତଥା ସମକାଳୀନ ସମାଜ ଦ୍ୱାରା ପ୍ରଭାବିତ ହେବାକୁ ବାଧ ହୋଇଥାଏ । ସେଥିପାଇଁ ସମାନ ପୃଷ୍ଠଭୂମି ଉପରେ ଓଡ଼ିଆ ତଥା ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟରେ ସ୍ୱଦେଶପ୍ରେମ ଓ ଜାତୀୟତାବୋଧର ଅଭିବ୍ୟକ୍ତି ତୁଳନାତ୍ମକ ଅଧ୍ୟୟନ ଦ୍ୱାରା ହିଁ ଚିହ୍ନଟ କରାଯାଇପାରେ ।

ଭାରତର ମୁକ୍ତି ସଂଗ୍ରାମ ପୃଷ୍ଠଭୂମିରେ ଜାତୀୟ ଭାବନା ସମ୍ୱଳି ସଂଗୀତମାନ ରଚନା କରି ଓଡ଼ିଆ ସାହିତ୍ୟ ତତ୍କାଳୀନ ଭାରତୀୟ ସାହିତ୍ୟର ସମକକ୍ଷ ହୋଇପାରିଥିଲା । ଏହି ପରିପ୍ରେକ୍ଷୀରେ ବାଞ୍ଛାନିଧିଙ୍କ 'ସ୍ତବ', କୁନ୍ତଳାକୁମାରୀଙ୍କ 'ସ୍ଫୁଲିଙ୍ଗ' ଗୋଦାବରିଶ, ପଦ୍ମଚରଣ ଓ ବୀରକିଶୋର ପ୍ରମୁଖଙ୍କ କାବ୍ୟ କବିତାରେ 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ' ପ୍ରତିଫଳିତ ହୋଇଥିବାର ଲକ୍ଷ୍ୟ କରାଯାଇଥାଏ । ଭାରତମାତା ପଦାରବିନ୍ଦରେ ପ୍ରାର୍ଥନା ତଥା ଅର୍ଘ୍ୟ ବାଢ଼ି କବିବୃନ୍ଦ ଦେଶମାତୃକାର କଲ୍ୟାଣ ସାଧନ ପାଇଁ ସ୍ୱାର୍ଥ ତ୍ୟାଗ କରିବାକୁ ଆହ୍ୱାନ ଜଣାଇଲେ । ସ୍ୱାଧୀନତାର ମନ୍ତ୍ର ଘରେ ଘରେ ପ୍ରଚାରିତ ହେବାକୁ ଲାଗିଲା । କବି କଣ୍ଠରେ ଶୁଭିଲା ଇଂରେଜ ଶାସନ ବିରୋଧରେ ପ୍ରଳୟର ଶଙ୍ଖଧ୍ୱନି । ବିଂଶ ଶତାବ୍ଦୀର ପ୍ରଥମ କେତୋଟି ଦର୍ଶକରେ ଏହାର ସ୍ୱାକ୍ଷର ଦେଖିବାକୁ ମିଳିଥିଲା । ଏ କ୍ଷେତ୍ରରେ ଜାତୀୟ କବି ବାଞ୍ଛାନିଧିଙ୍କ ଲେଖନୀର ବଳିଷ୍ଠ ଭୂମିକା ଉଲ୍ଲେଖଯୋଗ୍ୟ । ବାଞ୍ଛାନିଧି ପ୍ରଥମେ ଥିଲେ ସ୍ୱାଧୀନତା ସଂଗ୍ରାମର ଅଗ୍ରଗାମୀ ସୈନିକ ଓ ପୁଣି ଜଣେ ସଚେତନ କବି ।

ଇଂରେଜ ଶାସନ କାଳରେ ସ୍ୱର୍ଣ୍ଣପ୍ରସୂ ଭାରତ ଶ୍ରୀହୀନ । ବିଦେଶୀ ଦ୍ରବ୍ୟରେ ଏହି ଦେଶ ପରିପୂର୍ଣ୍ଣ । ସେମାନେ ଆମକୁ ଦୀନବାର୍ଯ୍ୟ କରି, ଜୋକ ପରି ଶୋଷଣ କରୁଛନ୍ତି । ଏହି ଭାବନା ବୀରକିଶୋରଙ୍କ କବିତାରେ ଯେପରି ପ୍ରକାଶ ପାଇଛି, ଅନୁରୂପ ଭାବରେ ଦେଶର ଏହି ବିକଳ ଚିତ୍ର ଅନ୍ୟତମ ଜାତୀୟକବି ବାଞ୍ଛାନିଧିଙ୍କ କବିତାରେ ମଧ ପ୍ରତିଫଳିତ । ଏହା ବ୍ୟତୀତ ଅସ୍ପୃଶ୍ୟତା ଦୂରୀକରଣ, ନିଶା ନିବାରଣ ପ୍ରଭୃତି ସାମାଜିକ ସଂସ୍କାର ଓ ବିଦେଶୀ ଦ୍ରବ୍ୟ ବର୍ଜନ ମାଧମରେ ଦେଶର ଆର୍ଥିକ ସ୍ୱାବଲମ୍ୱନଶୀଳତା ଥିଲା ସେ ସମୟ ସ୍ୱରାଜ୍ୟ ଆନ୍ଦୋଳନର ଅନ୍ୟତମ ଆଭିମୁଖ୍ୟ । ସମସାମୟିକ କବିବୃନ୍ଦ ଏ ସବୁର ଭୟଙ୍କର କୁପରିଣାମ ସଂପର୍କରେ ଜନଗଣଙ୍କୁ ଚେତାବନୀ ଦେଇଛନ୍ତି । ଉଭୟ କବିଙ୍କ କବିତାରେ ଏ ସବୁର ଅପୂର୍ବ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ ।

ସମର ଯୁଗର ଆମର ଘୋଷଣା ହେଲା 'ସ୍ୱାଧୀନତା ମାନବର ଜନ୍ମ ଅଧିକାର' । କବି କଣ୍ଠରେ ପ୍ରମୂର୍ତ୍ତ ହୋଇଉଠିଲା ବାଳ ଗଙ୍ଗାଧର ତିଳକଜୀଙ୍କର ସ୍ପର୍ଦ୍ଧିତ ଆହ୍ୱାନ ପ୍ରବଳ ପ୍ରତାପୀ ଇଂରେଜ ସରକାରଙ୍କୁ ସଚେତନ କରାଇବା ପାଇଁ ଏ ଘୋଷଣା ଥିଲା ଉଦ୍ଦିଷ୍ଟ । ଉଦ୍‌ବୋଧନ ଗୀତିକା ମାଧମରେ ଜନଗଣଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ କବିର ଲେଖନୀ ମଧ ଶବ୍ଦ ଶୁଣାଇଲା । ସ୍ୱରାଜ୍ୟ / ସ୍ୱାଧୀନତା ହିଁ ଏଦେଶରୁ ଦୁଃଖନିଶାର ଅବସାନ କରାଇବ । ଏହା ହିଁ ଦେଶବାସୀର ଯେପରି ଏକାନ୍ତ କାମ୍ୟ । ବାଞ୍ଛାନିଧିଙ୍କ ଭାଷାରେ – ସ୍ୱରାଜ୍ୟ ବିହୁନେ ନାହି ପ୍ରତିକାର ଆଶା / ସ୍ୱରାଜ୍ୟ ବିହୁନେ ନ ଘୁଂଚିବ ଦୁଃଖ ନିଶା ।

ଏହି ସ୍ୱରାଜ୍ୟ ପ୍ରାପ୍ତି ପାଇଁ ଦେଶବାସୀ ଭାରତର ସର୍ବମାନ୍ୟ ଜନପ୍ରିୟ ନେତା ବାପୁଜୀଙ୍କର ଆଦର୍ଶରେ ଅନୁପ୍ରାଣୀତ ହେବାକୁ କବିବୃନ୍ଦ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଗାନ୍ଧି ଥିଲେ ମୁକ୍ତି ସଂଗ୍ରାମର ପ୍ରଧାନ ମନ୍ତ୍ରଦାତା । ତାଙ୍କର ନେତୃତ୍ୱ ପ୍ରତି ଦେଶବାସୀଙ୍କର ଗଭୀର ଆଶା ଓ ବିଶ୍ୱାସ । ବାଞ୍ଛାନିଧିଙ୍କ ଦୃଷ୍ଟିରେ ସେ କୃଷ୍ଣ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି । ଭାରତୀୟଙ୍କ ଦୁଃଖ ଲାଘବ କରିବା ପାଇଁ, ତାଙ୍କର ଅରଟ ସୁଦର୍ଶନ ଚକ୍ର କଂସ ରୂପୀ ବ୍ରିଟିଶ ସରକାରଙ୍କ ପାପ ରାଜନୀତିକୁ ବିନାଶ କରିବା ପାଇଁ ଉଦ୍ଦିଷ୍ଟ ।

ବୀରକିଶୋରଙ୍କ 'ରଣ ଦୁନ୍ଦୁଭି' କବିତା ସଂକଳନରେ 'ମନେ ମନେ ଯଦି ବିଦା ହୋବ କଥା, ମାର୍ କେତେ ଲାଠି ମାରିବ' ପ୍ରଭୃତି କବିତାରେ ଜାତିର ପିତାଙ୍କୁ ଯୁଗାବତାର ରୂପେ ଚିତ୍ରଣ କରିଛନ୍ତି । ବ୍ରିଟିଶ ସରକାରଙ୍କ ଆଇନକୁ ପାଗଳ ଶୃଗାଳର ପାଗଳାମି ବୋଲି ଉଭୟ କବି ତର୍ଜମା କରିଥିବାର ଲକ୍ଷ୍ୟ କରାଯାଏ ।

ଭାରତୀୟ ସଂଗ୍ରାମ କାଳର ସ୍ୱାଧୀନତା ପାଇଁ ଦୁଇଟି ମାର୍ଗ ପରିଲକ୍ଷିତ ହୋଇଥିଲା । ପ୍ରଥମଟି ଅହିଂସା ମାର୍ଗ ଓ ଦ୍ୱିତୀୟଟି ହେଉଛି ସଶସ୍ତ୍ରକ୍ରାନ୍ତିର ମାର୍ଗ । ସ୍ୱାଧୀନତା ପାଇଁ ଅହିଂସା ମାର୍ଗ ଗାନ୍ଧିଜୀଙ୍କ ବୈପ୍ଳବିକ ଚିନ୍ତାଧାରା ଉପରେ ପ୍ରତିଷ୍ଠିତ । ପରାଧିନତାର ଶୋଷଣରୁ ମୁକ୍ତି କରି ଏ ଦେଶକୁ ଏକ ପ୍ରଗତିଶୀଳ ରାଷ୍ଟ୍ରରେ ପରିଣତ କରିବା ଥିଲା ତାଙ୍କ ଲକ୍ଷ୍ୟ । କୁଟୀର ଶିଳ୍ପ ଦ୍ୱାରା ଜାତିକୁ ସ୍ୱାବଲମ୍ୱନଶୀଳ କରିବାର ଆହ୍ୱାନ ସେହି ଲକ୍ଷ୍ୟ ପୂରଣର ସହାୟକ ଭାବେ ସର୍ବବାଦୀ ସମ୍ମତ । ବଂଗୀୟ କରି ସତ୍ୟେନ୍ଦ୍ରନାଥ ଦତ୍ତଙ୍କ କବିତାରେ ଏହି ଭାବନା ପ୍ରତିଫଳିତ –

ଚରଖାର ଘର୍ଘର – ଆପନାର ନିର୍ଭର
ଗଂଗାୟ ମେଘାନାୟ ତିସ୍ତାୟ ସାଡ଼ା
ଦାଣ୍ଡ ଅପନାୟ ପାୟେ ଦାଣ୍ଡା । (ମରୀଚିକା, ପୃ- ୨୧)

ଉତ୍କଳୀୟ କବି ବାଞ୍ଛାନିଧି ମଧ ଅନୁରୂପ ଭାବେ ଦେଶର ବିତ୍ତକୁ ରକ୍ଷା କରିବା ପାଇଁ, ଅରଟରେ ସୂତା କାଟିବା ଏବଂ ସ୍ୱଦେଶୀ ବସ୍ତ୍ର ପ୍ରସ୍ତୁତ କରିବା ଦ୍ୱାରା ଦେଶର ମହତ୍ତ୍ୱ ରକ୍ଷା ହୋବାର ଆଶାବାଦୀ । ଅରଟକୁ ସୁଦର୍ଶନ ଗାନ୍ଧିଙ୍କୁ କୃଷ୍ଣ ବେଶରେ ଅରପିଲେ ନାରାୟଣ ବୋଲି ସମସାମୟିକ କୁନ୍ତଳା କୁମାରୀଙ୍କ 'ସ୍ୱରାଜ୍ୟ ଆମର ଜନ୍ମ ଅଧିକାର' କବିତାରେ ସ୍ୱୀକାର କରିଥିବାର ଲକ୍ଷ୍ୟ କରାଯାଏ । ଉତ୍କଳମଣି ଗୋପବଂଧୁ, ଜାତୀୟ କବି ବାଞ୍ଛାନିଧିଙ୍କ କେତେକ କବିତାରେ ମଧ ଅରଟର ମହତ୍ତ୍ୱ ପ୍ରକଟିତ ହୋଇଅଛି ।

ଜାତୀୟ ମୁକ୍ତି ବିପ୍ଳବର ଦ୍ୱିତୀୟ ମାର୍ଗଟି ହେଉଛି ସଶସ୍ତ୍ର କ୍ରାନ୍ତି । ଏହା ମାର୍କସ ଚେତନା ଦ୍ୱାରା ପ୍ରଭାବିତ ବୋଲି ସମାଲୋଚକମାନେ ମତ ଦିଅନ୍ତି । ହିନ୍ଦୀ ସାହିତ୍ୟର ବିପ୍ଳବୀ କବି ମୋହନଲାଲ ଆର୍ଯ୍ୟାବର୍ତ୍ତରେ ଏହି କ୍ରାନ୍ତି ସଂପର୍କର କହିଛନ୍ତି-

ମାଁଗନେ ସେ ଭିଖ ମିଲତି ହେି, ଦୀନ ଜନକୋ,
କିନ୍ତୁ ମିଲତି ହେି ତଲୱାର ସେ ସ୍ୱତନ୍ତ୍ରତା ।

ତାଙ୍କ ଭାଷାରେ ସ୍ୱାଧୀନତା ଦରିଦ୍ରର ଭିକ୍ଷା ନୁହେଁ । ଅନୁନୟ ବିନୟ ଦ୍ୱାରା ଗରିବ ଭିକ୍ଷା ଲାଭ କରିପାରେ କିନ୍ତୁ ସ୍ୱାଧୀନତା ତଲୱାରରେ ହିଁ ପ୍ରାପ୍ୟ । ବାଞ୍ଛାନିଧିଙ୍କ କବିତାରେ ଏହି ଭାବ ସତୀତ୍ୱ କିଂଚିତ୍ ସ୍ୱତନ୍ତ୍ର ଦୃଷ୍ଟିକୋଣ ନେଇ ପ୍ରକାଶିତ ।

ବିପ୍ଳବୀ କବି ବାଞ୍ଛାନିଧି ଅନ୍ତରରେ ଥିଲେ ସାମ୍ୟବାଦୀ ଚେତନାର ପ୍ରକୃତ ଉପାସକ । କେତେକ କବିତାରେ ହେଇଅଛି ସେହି ଚିନ୍ତାର ସଫଳ ରୂପାୟନ । ସେଥିରେ ଦେଶର ସମସ୍ତ ଚାଷୀ, ମୂଲିଆ, ସରକାର ସ୍ଥାପନ ଉପରେ ଗୁରୁତ୍ୱ ସ୍ୱୀକୃତ ହୋଇଛି । ଡ଼ଃ ରାଙ୍ଗେୟ ରାଘବ ଗାଇଲେ-

ଆଜ ଯଦି ଅବତାର ହେି ତୋ ୟେ ମଜ୍‌ଦୁର କିଶାନ । (ବିଧିଲତେ ପତ୍‌ଥ- ୭୬)

ବଂଗୀୟ କବି ନଜରୁଲ ନିପୀଡ଼ିତ ଗୋଷ୍ଠୀର ନବ ଅଭିଯାନର ସମ୍ଭାବ୍ୟ ସଫଳତା କାମନା କରିଛନ୍ତି । ଜୟ ନିନୀଡ଼ିତ ପ୍ରାନ୍,ଜୟ ନବ ଅଭିଯାନ । ସେହି ସ୍ୱର ଝଂକୃତ ହୋଇଛି ବାଞ୍ଛାନିଧି କବିତାରେ ।

ସରିଯିବ ତାଙ୍କ ରାଜୁତି ଅତ୍ୟାଚାର ନାରକୀ
ଚାଷୀ ହେବ ସୀନା ଦେଶ ମାଲିକ ।
ଜଗତେ ସବୁରି ସମ ଅଧିକାର
କେ ବଡ଼ କେ ସାନ ପ୍ରଭୁ କାହାର ।

ବାଞ୍ଛାନିଧିଙ୍କ କବିତାରେ ଭାରତୀୟଙ୍କ ଭିତରେ ଶ୍ରେଣୀ ପାର୍ଥକ୍ୟ, ଶୋଷକ ଓ ଶୋଷିତର ପ୍ରଭେଦକୁ ସ୍ପଷ୍ଟ ଭାବରେ ଚିହ୍ନିତ କରାଯାଇପାରିଛି । ତେଣୁ ତାଙ୍କର କେତେବ କବିତା ଜାତୀୟତାବାଦୀ ସ୍ୱଦେଶୀ ଭାବନା ରାଜ୍ୟରେ ଏକ ଗୁଣାତ୍ମକ ଉତ୍ତରଣ ବୋଲି କହିବା ଅଧିକ ଯୁକ୍ତିସଂଗତ ଅଟେ ।

ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ଗାନ୍ଧିଜୀ ଯେଉଁ ନୂତନ ଜାତୀୟ ମନ୍ତ୍ର ଦେଲେ ତାହା ହେଲା ମହାଭାରତୀୟ ଧର୍ମ । ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନ, ବୌଦ୍ଧ, ଜୈନ, ଶିଖ୍ ଆଦି ସବୁ ଧର୍ମର ଲୋକେ ସଂକୀର୍ଣ୍ଣ ଧର୍ମାନ୍ଧତାକୁ ଛାଡ଼ି ସେହି ମହାଭାରତୀୟ ଧର୍ମରେ ଉଦ୍‌ବୃଦ୍ଧ ହେଲେ । ତାହା ହିଁ ହେଲା ଜାତୀୟଧର୍ମ । ବିଶ୍ୱକବି ରବୀନ୍ଦ୍ର ନାଥଙ୍କ କଣ୍ଠରେ ଝଂକୃତ ହେଲା, ସେହି ମହାଭାରତୀୟବୋଧ-

ହେ ଥାୟ ଆର୍ଯ୍ୟ ହେଥା ଅନାର୍ଯ୍ୟ ହେଥାୟ ଦ୍ରାବିଡ଼ ଚୀନ
ଶକ ହୁନ୍‌ଦଲ ପଠାନ ମୋଗଲ ଏକ ଦେହେ ହଲଲୀନ ।
ପଶ୍ଚିମ ଆଜ ଖୁଲନୟାଛେ ଦ୍ୱାର
ସେଥା ହତେ ସବେ ଆନେ ଉପହାର ।
ଦିବେ ଆର ନିବେ, ମିଲାବ ମିଲିବେ ଯାବେନା ଫିରେ
ଏଇ ଭାରତରେ ମହାମାନବେର ସାଗର ତରେ ।

ଏହି ଭାବ ଚେତନା ପ୍ରଭାବ ବିସ୍ତାର କଲା ବଂଗ ଭଂଗ ଆନ୍ଦୋଳନ ପରେ ପରେ । ବଂକିମଂକ ଆନନ୍ଦମଠରେ ନିହିତ ଥିଲା ମହାଭାରତୀୟ ଜାତୀୟତାବୋଧର ବୀଜମନ୍ତ୍ର । ଏହା ହିଁ ଥିଲା ବନ୍ଦେ ମାତରମ୍, ଆନ୍ଦୋଳନ । ସଂପ୍ରଦାୟିକ ସଦ୍‌ଭାବନା ଅଭିମୁଖ୍ୟ ନେଇ ଜାତୀୟ ନେତୃବୃନ୍ଦ ସଂଗ୍ରାମ ଆରମ୍ଭ କଲେ । ବଂଗୀୟ କବି ନଜରୁଲ ହିନ୍ଦୁ ମୁସଲମାନ ଯୁଦ୍ଧ କବିତାରେ ସଂପ୍ରସାୟିକ ସଦ୍‌ଭାବର ବାର୍ତ୍ତା ପ୍ରଚାରିତ ହେଲା । ଜାତୀୟ ସଂଗ୍ରାମରେ ସମସ୍ତଙ୍କୁ ଆତ୍ମୋତ୍ସର୍ଗ ପାଇଁ ସେ ଆହ୍ୱାନ ଜଣାଇଲେ । ବାଞ୍ଛାନିଧିଙ୍କ କବିତାରେ ସେହି ଭାବଧାରା ପ୍ରତିଫଳିତ ଦେଖିବାକୁ ମିଳେ ।

ବାଞ୍ଛାନିଧିଙ୍କ କବିତାରେ ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ଐକ୍ୟ ଓ ସଂହତିର ବାର୍ତ୍ତା ଅନୁଚାରିତ । ସ୍ୱାଧୀନ ଭାରତବର୍ଷରେ ଆଜି ମଧ ଏହାର ଆବଶ୍ୟକତା ଅନୁଭୂତ ହେଉଥିବା ବେଳେ ଜାତୀୟ କବି ବାଞ୍ଛାନିଧି ସ୍ୱତଃ ମନେ ପଡ଼ିଯାନ୍ତି । ଅନୁପ୍ରାଣିତ

ହୋଇଉଠେ ତାଙ୍କ ଆହ୍ୱାନର ଓଁ କାର ଧ୍ୱନି । ନିର୍ଭୟ ଚିତ୍ତରେ ଭାରତ ମାତାର ଜୟଧ୍ୱନି ସହିତ ସିଂହନାଦରେ ସୁପ୍ତ ହିନ୍ଦୁସ୍ଥାନକୁ ଜାଗ୍ରତ କରାଇବା ପାଇଁ କବିଙ୍କର ସ୍ୱର୍ଦ୍ଧିତ ଆହ୍ୱାନ ମଧ୍ୟରେ ବିପ୍ଳବର ସିଙ୍ଗବାଦନ ଶୁଣିବାକୁ ମିଳେ ।

ବୀରକିଶୋରଙ୍କ ଜାତୀୟ ସଂଗୀତ ଶୁଣିଲେ ଦେଶ ପାଇଁ ସନ୍ନ୍ୟାସୀ ହୋଇଯିବାକୁ ଇଚ୍ଛାହୁଏ । ମାତ୍ର ସେଥିରେ ସ୍ୱାଧୀନତା ସଂଗ୍ରାମର ସୈନିକକୁ ସଜାଇ ମତ୍ତ କରାଇବା ଲାଗି ଉଗ୍ର ଉପାଦାନ ବିରଳ । ଏହି ଉଗ୍ର ଜାତୀୟ ଚେତନା 'ଉତ୍କଳ ବୀଣା'ରେ କବି ବାଞ୍ଛାନିଧିଙ୍କ କବିତାରେ ଯେଭଳି ପ୍ରକାଶ ପାଇଛି ତାହା ଯେକୌଣସି ପାଠକ, ଶ୍ରୋତା ହୃଦୟରେ ଅଗ୍ନିର ସ୍ଫୁଲିଙ୍ଗ ସୃଷ୍ଟି କରିବାକୁ ଏକାନ୍ତ ଭାବେ କ୍ଷମ ।' ଏକଥା ଅସ୍ୱୀକାର କରାଯାଇନପାରେ । ତାଙ୍କ କବିତାର ଉଦ୍ଦମତା ରକ୍ତରେ ଜଗାଏ ପ୍ଳାବନ, ଚିତ୍ତ ବୃତ୍ତିକୁ କରେ ଜାଗ୍ରତ । ବୌଦ୍ଧିକ ସତ୍ତାକୁ କରେ ଆଲୋଡ଼ିତ, ମନରେ ଆଣେ ଅପୂର୍ବ ଶିହରଣ । ସେଇଥିପାଇଁ ତ ସେ ଜନଗଣ ହୃଦୟ ସଂହାସନରେ ଜାତୀୟ କବି ।


ମମତା ନିଳୟ, ନିଉ କଲୋନୀ

ଅପ୍ରତିବିନ୍ଧା, ଭଦ୍ରକ